## ମହିଳାଙ୍କୁ ନିର୍ଯାତନା ଅଭିଯୋଗ

**ବଇଣ୍ଡା,(ଡି.ଏନ.ଏ.):** ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ପେଡିପଥର ଗ୍ରାମର ବିଦ୍ୟୁତ୍‌ପ୍ରଭା ସେଠୀଙ୍କୁ ତାଙ୍କ ସ୍ୱାମୀ ଦ୍ରୋଣ ସେଠୀ ଯୌତୁକ ପାଇଁ ନିର୍ଯାତନା ଦେଉଥିବା ବିଦ୍ୟୁତ୍‌ପ୍ରଭା ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୨୨୨/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ୧୫ ବର୍ଷ ତଳେ ହଣ୍ଡପା ଥାନା ଭେଜିଗୋଠ ଗ୍ରାମର ବିଦ୍ୟୁତ୍‌ପ୍ରଭାଙ୍କୁ ଦ୍ରୋଣ ବିବାହ କରିଥିଲେ। ଅଧିକ ଯୌତୁକ ଆଣିବା ପାଇଁ କହିବା ସହ ସ୍ୱାମୀ ନିର୍ଯାତନା ଦେଉଥିବା ଅଭିଯୋଗପତ୍ରରେ ଉଲେଖ କରାଯାଇଛି।

## ଆଜି କ'ଣ କେଉଁଠି

**ବଅଁରପାଳ**
- ମହାପାଟଙ୍କ ପୂଜା। ସ୍ଥାନ ତୁଳସୀପାଳ। ସମୟ ପୂର୍ବାହ୍ନ ୧୧ଟା।

**ଅନୁଗୋଳ**
- ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସଭାପତିଙ୍କ ପ୍ରେସମିଟ୍। ସ୍ଥାନ- ରାଣୀଗୁଡା ଭାଜପା କାର୍ଯ୍ୟାଳୟ। ସମୟ- ପୂର୍ବାହ୍ନ ୧୦ଟା ୩୦
- ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ। ସମୟ- ପୂର୍ବାହ୍ନ ୧୦ ଘଟିକା। ସ୍ଥାନ- ମିଶ୍ରପଡ଼ା

## ସଂକ୍ଷେପରେ

### ଅନୁଗୋଳରୁ ୧୭ ପଜିଟିଭ୍

**ଅନୁଗୋଳ ଅଫିସ, ୭।୯:** ଅନୁଗୋଳ ଜିଲାରୁ ମଙ୍ଗଳବାର ୧୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ ପଜିଟିଭ୍ ସଂଖ୍ୟା ୪୪ ହଜାର ୧୬୧ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ କିଶୋରନଗର ବ୍ଲକରୁ ୪ଜଣ, ଛେଣ୍ଡିପଦା ବ୍ଲକରୁ ୪, ବଅଁରପାଳ ବ୍ଲକରୁ ୨, ଅନୁଗୋଳ ବ୍ଲକରୁ ୩, କଣିହାଁ ବ୍ଲକରୁ ୨, ତାଳଚେର ବ୍ଲକରୁ ୨ ଜଣ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୧୯ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ଅନ୍ୟପକ୍ଷରେ ଜିଲାରୁ ପୁଣି ୨ ଜଣଙ୍କ ଜୀବନ କରୋନାରେ ଯାଇଥିବାରୁ ମୋଟ ମୃତକଙ୍କ ସଂଖ୍ୟା ୩୭୯ରେ ପହଞ୍ଚିଛି।

### ରାଶନ ଦୋକାନରୁ ଚୋରି

**ଛେଣ୍ଡିପଦା,୭।୯(ସ୍ୱ.ପ୍ର.):** ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ବରପଦା ଛକସ୍ଥିତ ଋଷଭ ସାହୁଙ୍କ ରାଶନ ଦୋକାନରୁ ସୋମବାର ବିଳମ୍ବିତ ରାତିରେ ୧୦ ହଜାର ଟଙ୍କା ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୧୯୭/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ଗ୍ରାମବାସୀ ସନ୍ଦେହରେ ଅଟକ ରଖିଥିବା ୨ ଯୁବକଙ୍କୁ ପୋଲିସ ଛାଡ଼ି ଦେଇଛି। ଗାଡ଼ି ଖରାପ ହୋଇଯିବାରୁ ଯୁବକ ଦ୍ୱୟ ରାତିରେ ସେଠାରେ ଗାଡ଼ି ଛାଡ଼ି ଚାଲିଯାଇଥିବା ଓ ସକାଳେ ଗାଡ଼ି ନେବାକୁ ଆସିଥିବା ସିସିଟିଭି ଫୁଟେଜରୁ ସ୍ପଷ୍ଟ ହେବା ପରେ ପୋଲିସ ଏହି ପଦକ୍ଷେପ ନେଇଛି।

### ଆକ୍ରମଣ ଅଭିଯୁକ୍ତ ଗିରଫ

**ଛେଣ୍ଡିପଦା,୭।୯(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା କଣଲୋଇ ଗାଁରେ ଜମିଜମା ବିବାଦରୁ ସୋମବାର ସମ୍ପର୍କୀୟ ସାନଭାଇଙ୍କ ଆକ୍ରମଣରେ ବଡ଼ ଭାଇ ଗୁରୁତର ହୋଇଥିବାବେଳେ ଅନ୍ୟ ଜଣେ ଭାଇଙ୍କ ସ୍ତ୍ରୀ ଆହତ ହୋଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇଥିବାବେଳେ ମଙ୍ଗଳବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୋଲିସ କହିଛି, କଣଲୋଇ ଗାଁର କୁଳମଣି ପଲେଇଙ୍କୁ ତାଙ୍କ ଦାଦା ପୁଅ ଭାଇ ପଦ୍ମଚରଣ ପଲେଇ ଆକ୍ରମଣ କରିଥିଲେ। ଏହି ସମୟରେ କୁଳମଣିଙ୍କ ଭାଇବୋହୂ ସୁଲୋଚନା ଦୌଡ଼ି ଆସିବାରୁ ପଦ୍ମଚରଣ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଘଟଣା ସମ୍ପର୍କରେ କୁଳମଣିଙ୍କ ସ୍ତ୍ରୀ କିନାରା ପଲେଇ ଲିଖିତ ଅଭିଯୋଗ କରିଛନ୍ତି। ଏସଆଇ ଆଶିଷ କୁମାର ସିଂ ନଂ. ୪୧୮/୨୧ରେ ମାମଲା ରୁଜୁ କରି ଅଭିଯୁକ୍ତ ପଦ୍ମଚରଣଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛନ୍ତି।

### ଦୁର୍ଘଟଣାରେ ୨ ଗୁରୁତର

**ଛେଣ୍ଡିପଦା,୭।୯(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା ଛକ ନିକଟରେ ମଙ୍ଗଳବାର ରାତି ୮ଟା ବେଳେ ଦୁଇ ବାଇକ୍ ମଧ୍ୟରେ ଧକ୍କା ହେବାରୁ ୨ଜଣ ଗୁରୁତର ହୋଇଛନ୍ତି। ଘଟଣାରୁ ପ୍ରକାଶ, କୁଣ୍ଢେଇଗୋଲା ଥାନା ମାହାର ସାହିର ସୂର୍ଯ୍ୟକାନ୍ତ ସାହୁ ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ବିପରୀତ ଦିଗରୁ ବାଇକ୍‌ରେ ଆସୁଥିବା ବରପଦା ଗ୍ରାମର ବୁଦ୍ଧଦେବ ନାମକ ଯୁବକଙ୍କ ସହ ଥାନା ଛକରେ ମୁହାଁମୁହିଁ ଧକ୍କା ହୋଇଥିଲେ। ଫଳରେ ଉଭୟେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକମାନେ ସେମାନଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ସୂଚନା ମିଳିଛି।

### ମହିମା ଧାମରେ ନବାନ୍ନ ଭକ୍ଷଣ

**ଅନୁଗୋଳ ଅଫିସ, ୭।୯:** ଅନୁଗୋଳ ବ୍ଲକ ଅଙ୍ଗାରବନ୍ଧ ମହିମା ଧାମଠାରେ ସୋମବାର ନବାନ୍ନ ଭକ୍ଷଣ ସମ୍ପନ୍ନ ହୋଇଛି। ଧାମ ପକ୍ଷରୁ ନୂଆ ଆଟିକାରେ ନୂତନ ଧାନରେ ପ୍ରସ୍ତୁତ ଚୁଡାରେ କ୍ଷୀର, ଦହି, ଘିଅ, ଗୁଡ, ମହୁ, ଛେନା ଆଦି ମିଶାଇ ଅମଣିଆ କରାଗଲା ପରେ ଭିକ୍ଷା ମଣ୍ଡପରେ ମହିମା ସ୍ୱାମୀଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଇଥିଲା। ବାବା ମୁରଲୀଧର ଦାସ, ସୁରେନ୍ଦ୍ର ଦାସ, ବିଦ୍ୟାଧର ଦାସ, ଧନେଶ୍ୱର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଗୋଳ ଓ ଢେଙ୍କାନାଳ ଜିଲାରୁ ମହିମା ଭକ୍ତ ଓ ସନ୍ନ୍ୟାସୀମାନେ ଯୋଗଦେଇ ସାମୂହିକ ନବାନ୍ନ ଭକ୍ଷଣ କରିଥିଲେ। ଧାମ ପରିଚାଳନା କମିଟି ସଭାପତି ଲୋକନାଥ ସାହୁ, ସାଧାରଣ ସମ୍ପାଦକ କୃଷ୍ଣ ଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ବିଜ୍ଞାନୀ ବେହେରା ପରିଚାଳନା କରିଥିଲେ। ବିଦ୍ୟାଧର ସାହୁ, ନୀଳାମ୍ବର ସାହୁ, ଦେବରାଜ ସାହୁ, ସାର୍ଥକ ଦେହୁରୀ, କୈବଲ୍ୟ ସାହୁ, ଗୁବୁରୀ ବେହେରା, ଦେବେନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ବିଳମ୍ବିତ ହେଉଛି ବଇଣ୍ଡା ବିକାଶ

- ଉଚ୍ଛେଦକୁ ପୂରିଲା ୩ ବର୍ଷ, ହେଉନି ରାଜପଥ ସମ୍ପ୍ରସାରଣ
- ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ କେବଳ ଗର୍ତ୍ତ ଖୋଳାରେ ସୀମିତ
- ଡ୍ରେନ୍ ନିର୍ମାଣ ହେଉ ନ ଥିବାରୁ ଘରେ ପଶିଲାଣି ପାଣି

**ବଇଣ୍ଡା,୭।୯(ଡି.ଏନ.ଏ.)**

ରାଜପଥ ସମ୍ପ୍ରସାରଣ ପାଇଁ ବଜାର ଭଙ୍ଗାଗଲା। ଶତାଧିକ ଦୋକାନୀ, ଉଠାଦୋକାନୀଙ୍କୁ ରାସ୍ତା ପାର୍ଶ୍ୱରୁ ହଟାଇ ଦିଆଗଲା। ହେଲେ ୩ ବର୍ଷ ବିତିଯାଇଥିଲେ ମଧ୍ୟ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ସେହିପରି ଓଭରବ୍ରିଜ୍ ନିର୍ମାଣ ନିମନ୍ତେ ବଡ଼ ବଡ଼ ଗର୍ତ୍ତ ଖୋଳାଯିବାର ୯ ମାସ ପରେ ବି ସେ ଦିଗରେ ପଦକ୍ଷେପ ନିଆଯାଉ ନାହିଁ। ଡ୍ରେନ୍ କାର୍ଯ୍ୟ ମାତ୍ର ୩୦ ପ୍ରତିଶତରେ ଅଟକିଥିବାବେଳେ ସର୍ଭିସ୍ ରୋଡ୍ ମରାମତି କରାଯାଉ ନାହିଁ। ଉଚ୍ଛେଦ ହୋଇଥିବା ସରକାରୀ କାର୍ଯ୍ୟାଳୟ, ସ୍କୁଲ, ବିଶ୍ରାମାଗାର ଆଦି ନୂତନ ସ୍ଥାନରେ ନିର୍ମାଣ କରାଯାଉ ନାହିଁ। ଫଳରେ ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡର ବଇଣ୍ଡା ବଜାର ଅଞ୍ଚଳର ବିକାଶ ବିଳମ୍ବିତ ହୋଇଚାଲିଛି।

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ରହିଛି କିଶୋରନଗର ବ୍ଲକର ବଇଣ୍ଡା ବଜାର। ରାଜପଥ ସମ୍ପ୍ରସାରଣ ନିମନ୍ତେ ଆଠମଲ୍ଲିକ ଉପଖଣ୍ଡର ଏହି ପ୍ରମୁଖ ବ୍ୟବସାୟିକ କେନ୍ଦ୍ରକୁ ୨୦୧୮ ମେ ୧୭ ଓ ୧୮ରେ ଉଚ୍ଛେଦ କରାଯାଇଥିଲା। ଖୁବ୍‌ଶୀଘ୍ର ରାଜପଥ କାର୍ଯ୍ୟ ଏଠାରେ ଶେଷ କରାଯିବ ବୋଲି ଠିକା ସଂସ୍ଥା ପକ୍ଷରୁ କୁହାଯାଇଥିଲା। ଫଳରେ ବେପାର ହରାଇଥିବା ବ୍ୟବସାୟୀମାନେ ଥଇଥାନ ପାଇଁ ଆଶା ବାନ୍ଧିଥିଲେ। କିନ୍ତୁ ୩ ବର୍ଷରୁ ଅଧିକ ସମୟ ହୋଇଯାଇଥିଲେ ମଧ୍ୟ ଠିକା ସଂସ୍ଥା ବଇଣ୍ଡାଠାରେ ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ କରିପାରି ନାହିଁ। ଏପରିକି ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ ପାଇଁ ଡିସେମ୍ବର ୨୦୨୦ରୁ ରସ୍ତାରେ ବଡ଼ ବଡ଼ ଗର୍ତ୍ତ ଖୋଳି ଛାଡ଼ି ଦିଆଯାଇଛି। ଠିକ୍ ଭାବେ ସୁରକ୍ଷା ବାଡ଼ ଦିଆଯାଇ ନ ଥିବାରୁ ଅନେକ ସମୟରେ ବୁଲା ଗୋରୁ ଖସିପଡ଼ି ଖଣ୍ଡିଆଖାବରା ହେଉଛନ୍ତି। ରାଜପଥ କଡ଼ରେ କରାଯାଇଥିବା ସର୍ଭିସ୍ ରୋଡ୍‌ରୁ ପିଚୁ ଉଠି ଖାଲଖମା ହୋଇଯାଇଥିବାରୁ ଅନେକ ସମୟରେ ବାଇକ୍ ଆରୋହୀମାନେ ପଡ଼ି ଆହତ ହେଉଛନ୍ତି। ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନ୍ କାର୍ଯ୍ୟ ମାତ୍ର ୩୦ ପ୍ରତିଶତ ସମ୍ପୂର୍ଣ୍ଣ ହୋଇଛି। ଏଥିଯୋଗୁ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି କେତେଜଣଙ୍କ ଘର ଭିତରକୁ ପ୍ରବେଶ କରୁଛି। ଗୁଣନିଧି ପ୍ରଧାନଙ୍କ ଘର ସମ୍ମୁଖ ଖୋଳି ଦିଆଯାଇଥିବାରୁ ଯାତାୟାତରେ ଅସୁବିଧା ନେଇ ବଇଣ୍ଡା ଫାଣ୍ଡିରେ ଅଭିଯୋଗ ହୋଇଛି। ସେହିପରି ଚନ୍ଦନ ପୋଖରୀରେ ବ୍ରିଜ୍ ନିର୍ମାଣ କରାଯାଉ ନ ଥିବାରୁ ନୁନୁକାପଶି ଅଞ୍ଚଳରୁ ଆସୁଥିବା ପାହାଡ଼ ପାଣି ସେଠାରେ ଗଚ୍ଛିତ ହୋଇ ନିକଟସ୍ଥ ମାହେଶ୍ୱରୀ ମନ୍ଦିର ପରିସରକୁ ବୁଡ଼ାଇ ଦେଉଥିବା ବଇଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶୀଘ୍ର ରାଜପଥ ସହ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରା ନ ଗଲେ ଓ ଡ୍ରେନ୍ କାମ ଶେଷ ନ ହେଲେ ବାଧହୋଇ ବ୍ୟବସାୟୀମାନେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।



ଓଭରବ୍ରିଜ୍ ପାଇଁ ବଡ଼ ବଡ଼ ଗର୍ତ୍ତ ଖୋଳି ଛାଡ଼ି ଦିଆଯାଇଛି।

### ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି



"ବଜାର ଭଙ୍ଗାଯିବା ପରେ ବହୁ ବ୍ୟବସାୟୀ ଘରେ ବସିଛନ୍ତି। ଯାତାୟାତରେ ଅଞ୍ଚଳବାସୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କିନ୍ତୁ ଠିକା ସଂସ୍ଥା ନିର୍ମାଣ କାର୍ଯ୍ୟ ଆରମ୍ଭ କରୁନାହିଁ। ଏ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

-ଚିନ୍ତାମଣି ପ୍ରଧାନ, ବଇଣ୍ଡା ଗ୍ରାମ ସଭାପତି

### ବ୍ୟବସାୟରେ ସମସ୍ୟା ହେଉଛି



"ରାସ୍ତା ନିର୍ମାଣ ବିଳମ୍ବ ହେଉଥିବାରୁ ବ୍ୟବସାୟ କରିବାରେ ସମସ୍ୟା ସୃଷ୍ଟି ହେଉଛି। ଖାଲଖମା ସହ କାଦୁଅ ଯୋଗୁ ଗ୍ରାହକମାନେ ବଜାର ମଧ୍ୟକୁ ଆତଯାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଠିକାସଂସ୍ଥା ତୁରନ୍ତ କାର୍ଯ୍ୟ ଆରମ୍ଭ କରୁ।

-କମଳ ଲୋଚନ ସାହୁ, ବଇଣ୍ଡା

### ବର୍ଷା ଜଳ ନିଷ୍କାସନ ହୋଇପାରୁନି



"ଠିକାସଂସ୍ଥା ପକ୍ଷରୁ ଚନ୍ଦନ ପୋଖରୀରେ ମାଟି ପକାଇ ସମତଳ କରାଯାଇଥିବାରୁ ନୁନୁକାପଶି ଅଞ୍ଚଳରୁ ଆସୁଥିବା ବର୍ଷା ପାଣି ନିଷ୍କାସନ ହେଇପାରୁନାହିଁ। ଫଳରେ ମନ୍ଦିର ପରିସରରେ ବର୍ଷା ଜଳ ସହ ନର୍ଦ୍ଦମା ପାଣି ପଶୁଛି।

-ଆକାଶ କୁମାର ଦେହୁରୀ, ବ୍ୟବସାୟୀ, ବଇଣ୍ଡା

### ବର୍ଷା ହେଲେ ଦୁଃଖ ବଢୁଛି



"ସର୍ଭିସ ରୋଡ୍‌ରେ ମାଟି ପକାଯାଇଥିବାରୁ ବର୍ଷା ହେଲେ ତାହା କାଦୁଅ ହୋଇଯାଉଛି। ଡ୍ରେନ ନିର୍ମାଣ କରାଯାଉ ନ ଥିବାରୁ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ଆଖପାଖ ଲୋକଙ୍କ ଘରେ ପଶୁଛି। ତୁରନ୍ତ ଡ୍ରେନ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଉ।

-ଅମିତ କୁମାର ନାୟକ, କଦଳୀମୁଣ୍ଡା

### ଶୀଘ୍ର ଶେଷ ପାଇଁ ପଦକ୍ଷେପ ନିଆଯିବ



"ବର୍ଷା ଯୋଗୁ ଶ୍ରମିକମାନେ ଠିକ୍ ଭାବେ କାମ କରିପାରୁନାହାନ୍ତି। ବଇଣ୍ଡାରେ ହେଉଥିବା ଡ୍ରେନ୍ ନିର୍ମାଣ କାର୍ଯ୍ୟ ଶୀଘ୍ର ସମାପ୍ତ ହୋଇଯିବ। ଶ୍ରମିକ ଅଭାବ କାରଣରୁ ଫ୍ଲାଏ ଓଭରବ୍ରିଜ ନିର୍ମାଣରେ ବିଳମ୍ବ ହେଉଛି। ଏ ଦିଗରେ ପଦକ୍ଷେପ ନିଆଯିବ।

-ଗେଲିଡେବେରା ପଦ୍ମନାଭମ, ଠିକାସଂସ୍ଥା ପରିଚାଳକ

## ଲୁଟ୍ ଘଟଣା, ଜଣେ ଗିରଫ




**ଛେଣ୍ଡିପଦା,୭।୯(ସ୍ୱ.ପ୍ର.)**

ଛେଣ୍ଡିପଦା ଥାନା କମ୍ପସଲା ପଞ୍ଚାୟତ କଇଁଛପଦା ଗ୍ରାମ ନିକଟରେ ଜଣେ ଫେରିବାଲାଙ୍କୁ ହାଣି ଲୁଟ୍ ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଗୋଲାଗାଡିଆ ଗାଁର ଦିଲୀପ ନାଏକଙ୍କ ପୁଅ ସୁନୀଲ ନାଏକ (୨୬)। ତାଙ୍କଠାରୁ ଏକ ବାଇକ୍ ଓ ଭୁଜାଲି ଜବତ କରାଯାଇଛି। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ପୋଲିସ ସୂଚନା ଦେଇଛି। ସୂଚନାଯୋଗ୍ୟ, ପଶ୍ଚିମବଙ୍ଗ ରାଜ୍ୟର ଫେରିବାଲା ମୋତିଲାଲ ଜେନା କମ୍ପସଲା ପଞ୍ଚାୟତ କଇଁଛପଦା ଗ୍ରାମକୁ ରବିବାର ଚୁଡ଼ି ବିକ୍ରି କରିବାକୁ ଯାଇଥିଲେ। ଗାଁ ମୁଣ୍ଡ ଗଛମୂଳେ ସେ ଗାଡ଼ି ରଖି ଖାଉଥିବାବେଳେ ଦୁଇ ଅଭିଯୁକ୍ତ ଏକ ବାଇକ୍‌ରେ ଆସି ତାଙ୍କୁ ଭୁଜାଲିରେ ହାଣି ୧୫୦୦ ଟଙ୍କା ଓ ମୋବାଇଲ ଲୁଟିନେଇ ଫେରାର ହୋଇଯାଇଥିଲେ। ଗୁରୁତର ଫେରିବାଲାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏ ନେଇ ମୋତିଲାଲ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଥାନା ଅଧିକାରୀ ଧୀରେନ କୁମାର ବେହେରା ନଂ. ୩୧୭/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲେ।

## ଅହୋରାତ୍ର ଗଣଧାରଣା ନିଷ୍ପତ୍ତି

**ବଇଣ୍ଡା,୭।୯(ଡି.ଏନ.ଏ.)**

କିଶୋରନଗର ବ୍ଲକ ବାମୁର ପଞ୍ଚାୟତରେ ସୁରେଶ୍ୱରୀ ଜଳସେଚନ ପ୍ରକଳ୍ପ ନିର୍ମାଣ ହେଉନାହିଁ। ଫଳରେ ୬ ପଞ୍ଚାୟତର ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବହୁବାର ଆନ୍ଦୋଳନ ପରେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଯୋଗୁ କିଶୋରନଗର ବ୍ଲକ ସମ୍ମୁଖରେ ଅହୋରାତ୍ର ଗଣଧାରଣା ଦିଆଯିବ ବୋଲି ମଙ୍ଗଳବାର ଜୀବନ ଜୀବିକା କୃଷି ଜମି ସୁରକ୍ଷା କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ କମିଟି ପକ୍ଷରୁ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ସଭାପତି ଦୀନବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱ ସଭାରେ ପୂର୍ବତନ ସରପଞ୍ଚ ରମଣୀ ରଞ୍ଜନ ପ୍ରଧାନ, ଅନନ୍ତ ଚରଣ ପ୍ରଧାନ, ତୀର୍ଥବାସୀ ଭୋଇ, ପୀତାମ୍ବର ପ୍ରଧାନ, ସୁବାସ ପ୍ରଧାନ, ରତ୍ନାକର ପ୍ରଧାନ, କିଶୋର ଚନ୍ଦ୍ର ପ୍ରଧାନ, ସରୋଜିନୀ ନାୟକ, ଲକ୍ଷ୍ମୀ ପ୍ରଧାନଙ୍କ ସମେତ ସମସ୍ତ କର୍ମକର୍ତ୍ତା ଯୋଗ ଦେଇଥିଲେ। କମିଟି ପକ୍ଷରୁ କୁହାଯାଇଛି, ଏହି ପ୍ରକଳ୍ପ ନିର୍ମାଣ ହେଲେ ବାମୁର, ଧଉରାପାଲି, ଜଏରାଟ, ଓସ୍କାପାଲି, କଦଳୀମୁଣ୍ଡା, ରଣିଆକଟା ପଞ୍ଚାୟତର ୧୦ ହଜାର ହେକ୍ଟର ଚାଷ ଜମିକୁ ପାଣି ମାଡ଼ିବ। କିନ୍ତୁ ସରକାର ପଦକ୍ଷେପ ନେଉ ନ ଥିବାରୁ ଅକ୍ଟୋବର ୨୫ରୁ କିଶୋରନଗର ବ୍ଲକ ସମ୍ମୁଖରେ ଅହୋରାତ୍ର ଗଣ ଧାରଣା ଦିଆଯିବ।



ବୈଠକରେ କମିଟି କର୍ମକର୍ତ୍ତାମାନେ।

## ମୋ ସ୍କୁଲ ଅଭିଯାନ କାର୍ଯ୍ୟକ୍ରମ ସମୀକ୍ଷା

**ଅନୁଗୋଳ ଅଫିସ, ୭।୯**

ରାଜ୍ୟ ସରକାରଙ୍କ ମୋ ସ୍କୁଲ ଯୋଜନାରେ ଜିଲାର ସମସ୍ତ ବିଦ୍ୟାଳୟର ନବକଳେବର ହେଉଛି। ଏଥିସହ ସ୍ମାର୍ଟ କ୍ଲାସ, କମ୍ପ୍ୟୁଟର ଲାବ ଓ ଅତ୍ୟାଧୁନିକ ପରୀକ୍ଷାଗାର ପାଇଁ ପ୍ରସ୍ତୁତି ଜାରି ରହିଛି। ମଙ୍ଗଳବାର ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଏସବୁ କାର୍ଯ୍ୟ ପରିଦର୍ଶନ ସହ ସମୀକ୍ଷା କରିଛନ୍ତି। ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁଙ୍କ ଉପସ୍ଥିତିରେ ପ୍ରଥମେ ଜିଲା କାର୍ଯ୍ୟାଳୟରେ ଏମ୍‌ପି ମୋ ସ୍କୁଲ ଅଭିଯାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହାପରେ ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କରିଥିବା ଅନୁଗୋଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ପରେ ସରକାରୀ ଉଚ୍ଚ ବିଦ୍ୟାଳୟ ଗସ୍ତକରି ପ୍ରଧାନ ଶିକ୍ଷକ, ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହିତ ଆଲୋଚନା କରିଥିଲେ। ବିଦ୍ୟାଳୟରେ ଚାଲିଥିବା ରୂପାନ୍ତରଣ ଯୋଜନାକୁ ବୁଲି ଦେଖିଥିଲେ। ଏମ୍‌ପିଙ୍କ ଏହି ପରିଦର୍ଶନ ସମୟରେ ବିଜୁ ଯୁବ ଜନତା ଦଳର ଜିଲା ସଭାପତି ତଥା ଏମ୍‌ପିଙ୍କ ପ୍ରତିନିଧି ଦିନେଶ ପ୍ରଧାନ ଓ ପ୍ରତାପ ମହାପାତ୍ର ଉପସ୍ଥିତ ଥିଲେ।

## ଅନ୍ୟାୟର ପ୍ରତିବାଦ କରିବାକୁ ପରାମର୍ଶ



ସାପୋଇନାଳି ରାଜୀବ ଗାନ୍ଧୀ ଭବନ ଠାରେ ମହାସଂଘ ଗଠନ ଅବସରରେ ଯୋଗ ଦେଇଥିବା ଗାଡ଼ି ଚାଳକମାନେ।

**ଛେଣ୍ଡିପଦା,୭।୯(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ଶିମିଳିପାଳ ପଞ୍ଚାୟତ ସାପୋଇନାଳି ରାଜୀବ ଗାନ୍ଧୀ ଭବନ ଠାରେ ମଙ୍ଗଳବାର ଡ୍ରାଇଭର ମହାସଂଘ ଗଠନ ହୋଇଯାଇଛି। ସାପୋଇନାଳି ରାଜୀବଭବନ ଠାରେ ପଞ୍ଚାୟତର ୭୦ରୁ ଊର୍ଦ୍ଧ୍ୱ ଡ୍ରାଇଭରଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଭାବେ ସୁଶାନ୍ତ କୁମାର ସାହୁ, ସମ୍ପାଦକ ଭାବେ ସରୋଜ କୁମାର ପ୍ରଧାନ, କୋଷାଧ୍ୟକ୍ଷ ଭାବେ ଟୁନା ବେହେରାଙ୍କୁ ଚୟନ କରାଯାଇଥିଲା। ଜିଲା ଡ୍ରାଇଭର ମହାସଂଘ ଉପସଭାପତି ମନୋଜ କୁମାର ସାହୁ, ବ୍ଲକ ଡ୍ରାଇଭର ମହାସଂଘ ସମ୍ପାଦକ ସୁବର୍ଣ୍ଣ କୁମାର ପରିଡା, ଦୁର୍ଗାପୁର ପଞ୍ଚାୟତ ଡ୍ରାଇଭର ମହାସଂଘ ସମ୍ପାଦକ ସଞ୍ଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ ଡ୍ରାଇଭରମାନେ ଏକାଠି ହୋଇ ସଂଘ ମାଧ୍ୟମରେ ଏକତାର ପରିଚୟ ସୃଷ୍ଟି କରିବା ସହିତ ସ୍ୱର ଉତ୍ତୋଳନ କରିବା, ସରକାରଙ୍କ ନିକଟରେ ନିଜର ଦାବି ରଖିବା, ଶୋଷଣ ଏବଂ ଅନ୍ୟାୟର ପ୍ରତିବାଦ କରିବାକୁ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ବ୍ଲକର ସମସ୍ତ ପଞ୍ଚାୟତରେ ଡ୍ରାଇଭର ମହାସଂଘ ଗଠନ କରିବାକୁ ଆହ୍ୱାନ ଦିଆଯାଇଥିଲା।

## ସଙ୍ଗଠନ ମଜଭୁତ କରିବାକୁ ଆହ୍ୱାନ

**ଅନୁଗୋଳ ଅଫିସ, ୭।୯**

ଅନୁଗୋଳ ନିର୍ବାଚନମଣ୍ଡଳୀ ଛେଳିଆପଡାଠାରେ ଖଲାରୀ ମଣ୍ଡଳ ଓ ତୁଳସୀପାଳଠାରେ ମହୀଧରପୁର ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖଲାରୀ ମଣ୍ଡଳ ସଭାପତି ଲୋଚନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ତୃଣମୂଳସ୍ତରରୁ ସଙ୍ଗଠନକୁ କିଭଳି ମଜଭୁତ କରାଯିବ ସେ ନେଇ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ପ୍ରଭାରୀ ଅଭୟ ରାୟ, ଜିଲା ଉପସଭାପତି ଅମିୟ ତ୍ରିପାଠୀ, କାର୍ଯ୍ୟକାରିଣୀ ସଦସ୍ୟ ରଞ୍ଜନ ସାହୁ, ପ୍ରିୟବ୍ରତ ପାଗଳ, ଖଲାରୀ ସରପଞ୍ଚ କନ୍ଦର୍ପ ମହାରଣା, ଛେଳିଆପଡା ସରପଞ୍ଚ ଝରଣା ମହାଳିକ, ଲାଲବାହାଦୁର ଗଡନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ମହୀଧରପୁର ମଣ୍ଡଳ ସଭାପତି ଅଖିଳ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଧାନ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ପ୍ରଭାରୀ ପ୍ରକାଶ ସିଂ, ତୁଳସୀପାଳ ସରପଞ୍ଚ ଲୋକନାଥ ସାହୁ, ସରୋଜ ସାହୁ, ମନୋଜ ସାହୁ, ପଞ୍ଚାୟତ ସଭାପତି ବସନ୍ତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଜେଡି ଓ କଂଗ୍ରେସର ବହୁ କର୍ମୀ ଭାଜପାରେ ସାମିଲ ହୋଇଥିଲେ।

## ଅଭିରାମ ନୂଆ ସଭାପତି

**ତାଳଚେର,୭।୯(ନି.ପ୍ର.)**

ତାଳଚେର ଟ୍ରକ୍ ମାଲିକ ସଂଘ ପକ୍ଷରୁ କର୍ମକର୍ତ୍ତା ନିର୍ବାଚନ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କୋଇଲା ଟ୍ରାନ୍ସପୋର୍ଟର ଓ ସଂଘ ସଦସ୍ୟମାନଙ୍କ ସମର୍ଥନରେ ଅଭିରାମ ରାଉତ ନୂତନ ସଭାପତି ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରୀ ସଭାପତି ଭାବେ ହୃଦାନନ୍ଦ ଭୁତିଆ ଓ ସମ୍ପାଦକ ଭାବେ ତ୍ରିଲୋଚନ ସ୍ୱାଇଁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିପାଇଁ ନୂଆ ସଭାପତି ରାଉତ ସଂଘର ସମସ୍ତ ସଦସ୍ୟଙ୍କୁ ଗଭୀର କୃତଜ୍ଞତା ଜଣାଇଛନ୍ତି। ସମସ୍ତ ସଦସ୍ୟଙ୍କ ସମସ୍ୟା ଦୂର କରିବା ପାଇଁ ଚେଷ୍ଟା କରିବେ ବୋଲି ସଭାପତି ପ୍ରକାଶ କରିଛନ୍ତି।



ନିର୍ବାଚିତ ହୋଇଥିବା ନୂଆ କର୍ମକର୍ତ୍ତାମାନେ।

# ପ୍ରଦୂଷଣ ରୋକିବାକୁ ନିଆଯିବ ନୂଆ ପଦକ୍ଷେପ

### ଅନ୍ତର୍ଜାତୀୟ ଶୁଦ୍ଧ ବାୟୁ ଦିବସରେ ଆଲୋଚନାଚକ୍ର



ଅନ୍ତର୍ଜାତୀୟ ଶୁଦ୍ଧ ବାୟୁ ଦିବସ ପାଳନ ଅବସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

**ଅନୁଗୋଳ ଅଫିସ, ୭।୯**

ଅନୁଗୋଳ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟ ଠାରେ ମଙ୍ଗଳବାର ଅନ୍ତର୍ଜାତୀୟ ଶୁଦ୍ଧ ବାୟୁ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ସୁସ୍ଥ ବାୟୁ, ସୁସ୍ଥ ପୃଥିବୀ' ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅନୁଗୋଳ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ଡକ୍ଟର ଅନୁପ କୁମାର ମଲ୍ଲିକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଦୁଇ ଭାଗରେ ବିଭକ୍ତ ଏହି ବୈଠକରେ ଶିଳ୍ପ ସଂସ୍ଥାର ଅଧିକାରୀ ଓ ମାଇନିଂ ଅଧିକାରୀମାନେ ଭର୍ଚୁଆଲରେ ଯୋଗ ଦେଇ ନିଜ ନିଜ ମତ ଉପସ୍ଥାପନ କରିଥିଲେ। ବିଶେଷକରି ଅନୁଗୋଳ ଜିଲାରେ ବାୟୁ ପ୍ରଦୂଷଣ କମାଇବାକୁ ଆଞ୍ଚଳିକ ବୋର୍ଡ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ଅତ୍ୟାଧୁନିକ ଉପାୟରେ କିଭଳି ପ୍ରଦୂଷଣର ନିରାକରଣ ହୋଇପାରିବ, ସେ ନେଇ ବିଶେଷଜ୍ଞମାନେ ନାନା ପରାମର୍ଶମାନ ଦେଇଥିଲେ। ଅନୁଗୋଳ ଜିଲାରେ ଥିବା ମାଇନିଂ ଗୁଡ଼ିକରେ ଅଟୋମେଟିକ୍ ପାଣି ସିଞ୍ଚନ ମେଶିନ ଲଗାଯାଇଛି। ରେଳରେ କୋଇଲା ଲୋଡିଂ ପାଇଁ ସାଇଲୋ ବ୍ୟବସ୍ଥା କରାଯାଇଛି। ଏହାଦ୍ୱାରା ପ୍ରଦୂଷଣ ମାତ୍ରା ଶୂନ ରହିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ମାଇନିଂ ଓ ବିଭିନ୍ନ ଶିଳ୍ପାଞ୍ଚଳରୁ ଗାଡ଼ି ବାହାରିବା ସମୟରେ ଚକାରେ ଲାଗିଥିବା କୋଇଲା ଗୁଣ୍ଡ ଉଡ଼ି ପ୍ରଦୂଷଣ ବଢ଼ାଇଥାଏ। ତେଣୁ ମାଇନିଂ ଓ ଶିଳ୍ପାଞ୍ଚଳରେ ଗାଡ଼ି ବାହାରିବା ପୂର୍ବରୁ ଚକା ଧୋଇହେବା ବ୍ୟବସ୍ଥା କରାଯାଇଛି। ଶିଳ୍ପାଞ୍ଚଳକୁ କର୍ମଚାରୀଙ୍କୁ ପରିବହନ କରୁଥିବା ଗାଡ଼ିକୁ ବଦଳାଯାଇ ବ୍ୟାଟେରି ଚାଳିତ ଗାଡ଼ି (ଇଲେକ୍ଟ୍ରି ଓ ସୋଲାର) ଗାଡ଼ି ଅଣାଯିବା ଉପରେ ଆଲୋଚନା ହୋଇଥିଲା। ଅନୁଗୋଳ ଓ ତାଳଚେର ଅଞ୍ଚଳରେ ପ୍ରଦୂଷଣର ମାତ୍ରା କମ୍ କରିବାକୁ ନୂଆ ପଦକ୍ଷେପ ଖୁବ୍‌ଶୀଘ୍ର ଗ୍ରହଣ ଗ୍ରହଣ କରାଯିବ ବୋଲି ବୈଠକରେ ଅତିଥିମାନେ ମତପୋଷଣ କରିଥିଲେ। ଏହି ବୈଠକରେ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ମଲ୍ଲିକଙ୍କ ସମେତ ଅନୁଗୋଳ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଯନ୍ତ୍ରୀ ଶୁଭେନ୍ଦୁ ବିଶ୍ୱାସ, ବୈଷୟିକ ଉପଦେଷ୍ଟା ଭାବେ ରାଉରକେଲା ଏନ୍‌ଆଇଟିର ପ୍ରଫେସର କାକୋଲି ପାଲ୍, ଭୁବନେଶ୍ୱର ଆଇଆଇଟିର ପ୍ରଫେସର ଡକ୍ଟର ଭିନୋଜ୍, ଅନୁଗୋଳ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କନିଷ୍ଠ ଯନ୍ତ୍ରୀ ଚନ୍ଦ୍ର ଶେଖର ଚୌହାନ, ସୌମେନ୍ଦ୍ରନାଥ ମହାନ୍ତି ପ୍ରମୁଖଙ୍କ ସହ ୨୦ରୁ ଊର୍ଦ୍ଧ୍ୱ ମାଇନିଂ ଓ ଶିଳ୍ପାଞ୍ଚଳର ଅଧିକାରୀ ଯୋଗଦେଇଥିଲେ।

ଧରିତ୍ରୀ
DHARITRI
ବୁଧବାର, ୮ ସେପ୍ଟେମ୍ବର ୨୦୨୧



**ସଂକ୍ଷେପରେ**

## ମଇଁଷି ଗୋଠରେ ହାତୀ ଆକ୍ରମଣ

### ୧ ମଇଁଷି ମୃତ, ୫ ଗୁରୁତର

**କାମାକ୍ଷାନଗର, ୭।୯(ଡି.ଏନ୍.ଏ.)** ଢେଙ୍କାନାଳ ଜିଲା କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ୍ ଅନ୍ତର୍ଗତ ତୁମୁସିଙ୍ଗା ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ହାତୀ ଆକ୍ରମଣରେ ଏକ ମଇଁଷିର ମୃତ୍ୟୁ ଘଟିଛି। ଏଥିରେ ୫ ମଇଁଷି ଖଣ୍ଡିଆଖାବରା ହୋଇଥିବାବେଳେ ସେଥିରୁ ଗୋଟିଏର ଅବସ୍ଥା ସଙ୍କଟାପନ୍ନ ରହିଛି। ଗ୍ରାମର ସାରଦା ନାୟକ ଏବଂ କେଶବ ନାୟକଙ୍କ ୪୦ରୁ ଊର୍ଦ୍ଧ୍ୱ ମଇଁଷି ବନ୍ଧା ହୋଇଥିଲେ। ଏହି ସମୟରେ ହଠାତ୍ ଏକ ପଲରେ ୧୫ ହାତୀ ଗୋଠରେ ପଶି ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ଗୋଟିଏ ମଇଁଷିର ମୃତ୍ୟୁ ଘଟିଥିବାବେଳେ ଅନ୍ୟମାନେ ଗୁରୁତର ହୋଇଥିଲେ। ମଇଁଷିଙ୍କ ରଡ଼ି ଶୁଣି ଗ୍ରାମବାସୀ ପହଞ୍ଚି ହାତୀଙ୍କୁ ଘଉଡ଼ାଇଥିଲେ। ଏ ସଂକ୍ରାନ୍ତରେ ମଇଁଷି ମାଲିକ ବନ ବିଭାଗ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏ ନେଇ ପଶ୍ଚିମାଞ୍ଚଳ ରେଞ୍ଜ୍ ଅଧିକାରୀ ବିଭୁଦେନ୍ଦୁ ମିଶ୍ର କୁହନ୍ତି, ବନ୍ୟଜନ୍ତୁ ଆକ୍ରମଣରେ କୌଣସି ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ଘଟିଲେ ସରକାରୀସ୍ତରରେ ୫୦୦୦ ଟଙ୍କା କ୍ଷତିପୂରଣ ଦିଆଯିବାକୁ ନିୟମ ରହିଛି। ଅଭିଯୋଗ ମିଳିବା ପରେ ବିଭାଗ ପକ୍ଷରୁ ଘଟଣାସ୍ଥଳ ପରିଦର୍ଶନ କରି ରିପୋର୍ଟ ପଠାଯାଇଛି। କ୍ଷତିପୂରଣ ରାଶି ଆସିଲେ କ୍ଷତିଗ୍ରସ୍ତଙ୍କୁ ପ୍ରଦାନ କରାଯିବ। ତେବେ ଏକ ମଇଁଷିର ମୂଲ୍ୟ ନିର୍ଦ୍ଧାରିତ କ୍ଷତିପୂରଣ ରାଶି ତୁଳନାରେ ଅଧିକ। ତେଣୁ କ୍ଷତିଗ୍ରସ୍ତଙ୍କୁ ଅଧିକ ଟଙ୍କା ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ୯ ପଜିଟିଭ୍ ଚିହ୍ନଟ

**ଢେଙ୍କାନାଳ ଅଫିସ, ୭।୯:** ଢେଙ୍କାନାଳ ଜିଲାରୁ ମଙ୍ଗଳବାର ୯ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୨୪ଜଣ ସୁସ୍ଥ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୨, ହିନ୍ଦୋଳ ବ୍ଲକର ୫, ଗଁଦିଆ ବ୍ଲକର ୧ ଏବଂ କଙ୍କଡ଼ାହାଡ଼ ବ୍ଲକର ଜଣେ ରହିଛନ୍ତି। ଜିଲାରେ ମୋଟ୍ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୨୩୯ରେ ସ୍ଥିର ରହିଥିବାବେଳେ ସକ୍ରିୟ ମାମଲା ୧୫୫ରେ ପହଞ୍ଚିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ୧୬ବର୍ଷ ପରେ ଅଭିଯୁକ୍ତ ଗିରଫ

**କାମାକ୍ଷାନଗର, ୭।୯(ଡି.ଏନ୍.ଏ.)**-ଏକ ମାମଲାରେ ୧୩ ବର୍ଷ ଧରି ଫେରାର ଥିବା କାମାକ୍ଷାନଗର ଥାନା ଦିଘି ଗ୍ରାମର ଅଭିଯୁକ୍ତ କୁଞ୍ଜବନ ଜେନାଙ୍କୁ ପୋଲିସ ଗିରଫ କରିଛି। କୁଞ୍ଜବନ ଓ ତାଙ୍କର କେତେଜଣ ସହଯୋଗୀଙ୍କ ନାମରେ କାମାକ୍ଷାନଗର ଥାନାରେ ୨୦୦୫ରେ ଏକ ମାମଲା ରୁଜୁ ହୋଇଥିଲା। ସେହି ଦିନଠାରୁ ସେ ଫେରାର ଥିଲେ। ଥାନାଧିକାରୀ ସୁନୀଲ କୁମାର କର ସୋମବାର ରାତିରେ ଚଢ଼ାଉ କରି କୁଞ୍ଜବନଙ୍କୁ ଗିରଫ କରିଥିଲେ। ତାଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି।

# ନୂଆପୋଖରୀକୁ ମିଳୁନି ନ୍ୟାୟ

**ରତନ ନାୟାର**
**ଢେଙ୍କାନାଳ ଅଫିସ, ୭।୯**

ଢେଙ୍କାନାଳର ଭାଗୀରଥି ସାଗର (ନୂଆ ପୋଖରୀ)ର ଉନ୍ନତୀକରଣ ଲାଗି ମାଳ ମାଳ ଯୋଜନା। ଐତିହ୍ୟସମ୍ପନ୍ନ ଏହି ପ୍ରାଚୀନ ଜଳାଶୟକୁ ନୂଆ ରୂପ ଦେବା ଲାଗି ଘୋଷଣା କରାଯାଇଛି ୪ କୋଟି ୬୮ ଲକ୍ଷ ଟଙ୍କା। ଏହାର ପରିବେଶକୁ ମନଲୋଭା କରିବା, ପର୍ଯ୍ୟଟକ ଅନୁକୂଳ ବାତାବରଣ ସୃଷ୍ଟି କରାଯିବ ବୋଲି ପ୍ରତିଶ୍ରୁତି ଦେଇଚାଲିଛନ୍ତି ପୌର କର୍ତ୍ତୃପକ୍ଷ। ହେଲେ ଘୋଷଣାକୁ ୪ ମାସ ବିତିଯାଇଥିଲେ ହେଁ ଗାଣ୍ଡୁଆଏ ମାଟି ନ ପଡ଼ିବା ପ୍ରକଳ୍ପର ଭବିଷ୍ୟତ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଶାସନିକ ଅବହେଳାର ଶିକାର ହୋଇଥିବା ଏହି ଐତିହାସିକ ପୋଖରୀକୁ ନ୍ୟାୟ ଦେବାକୁ ସଚେତନ ନାଗରିକ ଟୁଇଟ୍ ମାଧ୍ୟମରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଜିଲା ପର୍ଯ୍ୟଟନ ମାନଚିତ୍ରରେ ଢେଙ୍କାନାଳ ସହରର ସ୍ଥାନକୁ ସୁଦୃଢ଼ କରିବା ଲାଗି ପୌରସଂସ୍ଥା ପକ୍ଷରୁ ହାତକୁ ନିଆଯାଇଛି ଏକାଧିକ ଯୋଜନା। ପ୍ରାଚୀନ କୀର୍ତ୍ତିରାଜିର ସଂରକ୍ଷଣ, ପୁରାତନ ଜଳାଶୟର ଉନ୍ନତୀକରଣ କରାଯିବାକୁ ଲକ୍ଷ୍ୟ ରଖାଯାଇ ଅଟକଳ ପ୍ରସ୍ତୁତ କରାଯାଇଛି। ତଦନୁଯାୟୀ ସହରର ପ୍ରାଚୀନ ଜଳାଶୟ ଭାଗୀରଥି ସାଗରକୁ


ଦଳରେ ପରିପୂର୍ଣ୍ଣ ଭାଗୀରଥି ସାଗର।

ଦଳମୁକ୍ତ କରିବା, ବୋଟିଂ ସୁବିଧା ସହ ଆବଶ୍ୟକ ଆନୁଷଙ୍ଗିକ କାର୍ଯ୍ୟ କରିବା ଲାଗି ପୌରସଂସ୍ଥା ପକ୍ଷରୁ ୪ ମାସ ତଳେ ୪ କୋଟି ୬୮ ଲକ୍ଷ ଟଙ୍କା ବ୍ୟୟ ଅଟକଳ ଘୋଷଣା କରାଯାଇଥିଲା।

ଦୀର୍ଘଦିନ ପରେ ନୂଆପୋଖରୀର ଭାଗ୍ୟ ଉଦୟ ହେବାକୁ ଯାଉଥିବାରୁ ଦଳମତ ନିର୍ବିଶେଷରେ ଏହାକୁ ସବୁସ୍ତରରେ ସ୍ୱାଗତ କରାଯାଇଥିଲା। ହେଲେ ଦିନ ଗଡ଼ିବା ସହିତ ଏହି ଆଶା ଫିକା ପଡ଼ିବାରେ ଲାଗିଛି। କାରଣ ପ୍ରକଳ୍ପ ଘୋଷଣାର ୪ ମାସ ବିତିଯାଇଥିଲେ ମଧ୍ୟ ବିକାଶମୂଳକ କାର୍ଯ୍ୟର ଖଡ଼ି ଛୁଆଁ ଆରମ୍ଭ ହୋଇନାହିଁ। ଏହାକୁ ନେଇ ନାନା ଚର୍ଚ୍ଚା ଆରମ୍ଭ ହୋଇଥିବାବେଳେ କେତେଜଣ ମାନବାଧିକାର କର୍ମୀ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ (ସିଏମ୍‌ଓ), ୫-ଟି ସଚିବ ଏବଂ ଜିଲା ପ୍ରଶାସନକୁ

- ଉନ୍ନତୀକରଣ ଲାଗି ୪ କୋଟି ୬୮ ଲକ୍ଷ ଟଙ୍କା ଘୋଷଣା
- ୪ ମାସ ହେଲା ଆରମ୍ଭ ହୋଇନି କାମ, ପ୍ରଶ୍ନବାଚୀରେ ପ୍ରକଳ୍ପ ଭବିଷ୍ୟତ
- ସିଏମ୍‌ଓ, ୫-ଟି ସଚିବଙ୍କୁ ଟୁଇଟ୍ କରି ଜଣାଇଲେ ସଚେତନ ନାଗରିକ

ଟୁଇଟ୍ ମାଧ୍ୟମରେ ଜଣାଇଛନ୍ତି।

ଐତିହ୍ୟ ଏବଂ ପର୍ଯ୍ୟଟନ ଦୃଷ୍ଟିକୋଣରୁ ଭାଗୀରଥି ସାଗରର ସ୍ଥାନ ଗୁରୁତ୍ୱପୂର୍ଣ୍ଣ। ପୋଖରୀ ଉପରେ ଢେଙ୍କାନାଳ ସହରର ମିନାବଜାର, କାଞ୍ଚନ ବଜାର, ଜବାହରଚୌକ, ଭାଗୀରଥି ବିହାର, ଗୁଡିଆନାଳି, ବସଷ୍ଟାଣ୍ଡ, ଲକ୍ଷ୍ମୀବଜାର, ମହାବୀର ବଜାର ଅଞ୍ଚଳର ହଜାର ହଜାର ଜନସାଧାରଣ ନିର୍ଭରଶୀଳ। ଶୀତଦିନେ ବିଦେଶାଗତ ପକ୍ଷୀଙ୍କ ଆଗମନ ସହ ସହର ମଧ୍ୟଭାଗରେ ଅବସ୍ଥିତ ଏହି ଜଳାଶୟ ମୁଖରିତ ହୋଇ ଉଠେ। ତେବେ ଦୀର୍ଘଦିନ ଧରି ରକ୍ଷଣାବେକ୍ଷଣ ଅଭାବରୁ ପୋଖରୀ ଦଳଭର୍ତ୍ତି ହୋଇଗଲାଣି। ବୋଟିଂ ସହିତ ଦୈନନ୍ଦିନ ବ୍ୟବହାରରେ ସମସ୍ୟା ଉପୁଜୁଛି। ଘୋଷଣା କରାଯାଇଥିବା ଅନୁଦାନ ଅର୍ଥରେ ପଙ୍କ ଉଦ୍ଧାର, ଦଳ ବାହାର କରିବା, ଜଳ ନିଷ୍କାସନ ଲାଗି ଗେଟ୍, ପୋଖରୀ ହୁଡ଼ାରେ ଚଲାପଥ ନିର୍ମାଣ, ଆଲୋକୀକରଣ, ପାର୍କ କରାଯିବାକୁ ଯୋଜନା ରହିଛି। ହେଲେ କାମ ଆରମ୍ଭ ହେଉ ନ ଥିବାରୁ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି।

### ସୌନ୍ଦର୍ଯ୍ୟକରଣ ହେଲେ ଆକର୍ଷଣ ବଢ଼ିବ



"ରାଜ୍ୟ ସରକାର ପୁରାତନ ପୁଷ୍କରିଣୀଗୁଡ଼ିକର ବିକାଶ ଲାଗି ଗୁରୁତ୍ୱ ଦେଉଛନ୍ତି। ହେଲେ ଅଟକଳ ଘୋଷଣା ସତ୍ତ୍ୱେ ନୂଆପୋଖରୀର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହେଉନାହିଁ। ଜଳାଶୟର ସୌନ୍ଦର୍ଯ୍ୟକରଣ ହେଲେ ଏହା ଆକର୍ଷଣ କେନ୍ଦ୍ରବିନ୍ଦୁ ପାଲଟିବ।

**-ଅଭୟ ପଟ୍ଟନାୟକ, ମାନବାଧିକାରୀ କର୍ମୀ**

### ପ୍ରାଚୀନ ଐତିହ୍ୟକୁ ଅଣଦେଖା



"ବୋଇତ ବନ୍ଦାଣ, ପ୍ରଭୁ ମଦନମୋହନଙ୍କ ଚାପଖେଳ ଭଳି ବହୁ ଆଧ୍ୟାତ୍ମିକ କାର୍ଯ୍ୟ ସମେତ ସନ୍ତରଣ ପରୀକ୍ଷା, ଶୁଦ୍ଧିକ୍ରିୟା, ସ୍ନାନ ଆଦି କାର୍ଯ୍ୟରେ ଭାଗୀରଥି ସାଗରର ଗୁରୁତ୍ୱ ରହିଛି। ଏଭଳି ପ୍ରାଚୀନ ଐତିହ୍ୟକୁ ଅଣଦେଖା କରାଯିବା ପରିତାପର ବିଷୟ।

**-ପଙ୍କଜ କୁମାର ନାୟକ, ଭାଗୀରଥି ସାଗର ସୁରକ୍ଷା କମିଟି ସଦସ୍ୟ**

### ପୌର କର୍ତ୍ତୃପକ୍ଷ ଗୁରୁତ୍ୱ ଦେବା ଜରୁରୀ



"ନୂଆପୋଖରୀର ଉନ୍ନତୀକରଣ ହେବା ଜରୁରୀ। ଆଲୋକୀକରଣ, ଚଲାପଥ, ପାର୍କ ନିର୍ମାଣ କରାଗଲେ ଏହା ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ। ଏଥିପ୍ରତି ଜିଲା ପ୍ରଶାସନ ଓ ପୌରସଂସ୍ଥା କର୍ତ୍ତୃପକ୍ଷ ଦୃଷ୍ଟି ପ୍ରଦାନ କରିବା ଉଚିତ।

**-ଅଥୟ କୁମାର ସାହୁ, ଭାଗୀରଥି ବିହାର ବାସିନ୍ଦା**

### ବର୍ଷା ପରେ କାମ ଆରମ୍ଭ ହେବ



"ଭାଗୀରଥି ସାଗର ଉନ୍ନୟନ କାର୍ଯ୍ୟ ଲାଗି ପୌରସଂସ୍ଥା ପକ୍ଷରୁ ୪ କୋଟି ୬୮ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଉକ୍ତ ଅର୍ଥରେ ଜଳାଶୟରୁ ପଙ୍କ ଉଦ୍ଧାର, ଦଳ କାଢ଼ିବା, ଗେଟ୍ ଓ ଚଲାପଥ ନିର୍ମାଣ, ପାର୍କ ପ୍ରତିଷ୍ଠା ଏବଂ ଆଲୋକୀକରଣ କାର୍ଯ୍ୟ କରାଯିବ। ବର୍ଷା ପରେ କାମ ଆରମ୍ଭ ହେବ।

**-ଅତନୁ କୁମାର ସାମନ୍ତ, ନିର୍ବାହୀ ଅଧିକାରୀ, ଢେଙ୍କାନାଳ ପୌରସଂସ୍ଥା**

# ବାହାରିଲା ଯୁକ୍ତ୩ ପରୀକ୍ଷାଫଳ

**ଢେଙ୍କାନାଳ ଅଫିସ, ୭।୯**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ୩ ପରୀକ୍ଷା ଫଳ ମଙ୍ଗଳବାର ପ୍ରକାଶ ପାଇଛି। କଳା, ବିଜ୍ଞାନ, ବାଣିଜ୍ୟ ବିଭାଗରେ ପରୀକ୍ଷା ଦେଇଥିବା ୪୫୪ଜଣଙ୍କ ମଧ୍ୟରୁ ୩୮୬ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ୫୪ ଜଣ ଅକୃତକାର୍ଯ୍ୟ ହୋଇଥିବାବେଳେ ୧୨ଜଣଙ୍କ ପରୀକ୍ଷା ଫଳ ପ୍ରକାଶ ପାଇନାହିଁ। ୨ ଜଣ କପି କରି ଧରାପଡ଼ିଛନ୍ତି। ଚଳିତବର୍ଷ ପାସ୍ ହାର ୮୭.୩୩% ହୋଇଛି।

ଡିଷ୍ଟିଙ୍ଗସନ ସହ 'ଓ' ଗ୍ରେଡ୍‌ରେ ୨, ଡିଷ୍ଟିଙ୍ଗସନ ସହ 'ଏ ପ୍ଲସ୍' ଗ୍ରେଡ୍‌ରେ ୬୨, 'ଏ ପ୍ଲସ୍'ରେ ୨, ଡିଷ୍ଟିଙ୍ଗସନ ସହ 'ଏ'ଗ୍ରେଡ୍‌ରେ ୭୨, 'ଏ' ଗ୍ରେଡ୍‌ରେ ୧୪, ଡିଷ୍ଟିଙ୍ଗସନ ସହ 'ବି ପ୍ଲସ୍' ଗ୍ରେଡ୍‌ରେ ୩୭, 'ବି ପ୍ଲସ'ରେ ୬୯, ଡିଷ୍ଟିଙ୍ଗସନ ସହ 'ବି' ଗ୍ରେଡ୍‌ରେ ୩, 'ବି' ଗ୍ରେଡ୍‌ରେ ୯୩, 'ସି' ଗ୍ରେଡ୍‌ରେ ୩୨ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳା ବିଭାଗର ଅମୃତ ବିନୟ ପ୍ରଧାନ ଚଳିତବର୍ଷ କଲେଜର ବେଷ୍ଟ ଗ୍ରାଜୁଏଟ୍ ହୋଇଛନ୍ତି। ସେହିପରି ଅର୍ଥନୀତି ସମ୍ମାନରେ ଆଶୁତୋଷ ଖିଲାର, ଇଂଲିଶ ସମ୍ମାନରେ ବିଶ୍ୱଜିତ ପୁହାଣ, ଇତିହାସ ସମ୍ମାନରେ ସଞ୍ଜୀବନୀ ନନ୍ଦ, କଳା ବିଭାଗ ଗଣିତ ସମ୍ମାନରେ ଅମୃତ ବିନୟ ପ୍ରଧାନ, ଓଡ଼ିଆରେ ଲିଟୁ ରାଉତ, ଦର୍ଶନଶାସ୍ତ୍ରରେ ଶୁଭଲକ୍ଷ୍ମୀ ସେଠୀ, ରାଜନୀତି ବିଜ୍ଞାନରେ ସୁହାନ ଥାପ୍ପା, ମନସ୍ତତ୍ତ୍ୱରେ ସୁପ୍ରିତା ହୋତା, ସଂସ୍କୃତରେ ବର୍ଷାରାଣୀ ନନ୍ଦ, ଉଦ୍ଭିଦ ବିଜ୍ଞାନରେ ରୁପାଲି ନାଥ,

**ଢେଙ୍କାନାଳ କଲେଜ**
- ପାସ ହାର ୮୭.୩୩ ପ୍ରତିଶତ
- ଅମୃତ ବିନୟ ବେଷ୍ଟ ଗ୍ରାଜୁଏଟ୍

ରସାୟନ ବିଜ୍ଞାନରେ ଶକ୍ତିସ୍ୱରୂପା ସାହୁ, କମ୍ପ୍ୟୁଟର ସାଇନ୍ସରେ ମଧୁସ୍ମିତା ହାତୀ, ବିଜ୍ଞାନ ବିଭାଗ ଗଣିତରେ ବିକାଶ ସାହୁ, ପଦାର୍ଥ ବିଜ୍ଞାନରେ ଦିବ୍ୟଜ୍ୟୋତି ବିଶ୍ୱାଳ, ପ୍ରାଣୀ ବିଜ୍ଞାନରେ ରଣଜିତ୍ ପାତ୍ର, ବାଣିଜ୍ୟରେ ନର୍‌ଗିସ ମହାପାତ୍ର ଟପ୍ପର ହୋଇଛନ୍ତି। ବାଣିଜ୍ୟରେ ୩୧.୮୯%, ବିଜ୍ଞାନରେ ୯୪.୮୧%, କଳାରେ ୮୦.୩୯% ପାସ ହାର ହୋଇଥିବା ଅଧ୍ୟକ୍ଷ ରଣଜିତ କୁମାର ପ୍ରଧାନ, ପରୀକ୍ଷା ନିୟନ୍ତ୍ରକ ଜୟଦେବ ପାଢ଼ୀ, ଦେବାଶିଷ ମହାନ୍ତି ସୂଚନା ଦେଇଛନ୍ତି।


ପରୀକ୍ଷା ଫଳ ପ୍ରକାଶ କରାଯିବା ଅବସରରେ ଢେଙ୍କାନାଳ କଲେଜ ଅଧ୍ୟକ୍ଷ ସମେତ ବିଭାଗୀୟ କର୍ମଚାରୀମାନେ।

## ଉପଖଣ୍ଡକୁ ମରୁଡ଼ି ଘୋଷଣା ଦାବି


ଉପଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି।

**କାମାକ୍ଷାନଗର, ୭।୯(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଖରିଫ୍ ଧାନ ଫସଲ ବ୍ୟାପକ ମାତ୍ରାରେ କ୍ଷତିଗ୍ରସ୍ତ ହୋଇଛି। କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ଦାବି କରିଛି କାମାକ୍ଷାନଗର କଂଗ୍ରେସ। ଏ ନେଇ ମଙ୍ଗଳବାର ଉପଜିଲାପାଳ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉପଜିଲାପାଳଙ୍କ ଅନୁପସ୍ଥିତିରେ ରାଜସ୍ୱ ଅଧିକାରୀ ତାପସ ରଞ୍ଜନ ଦାସ ଦାବିପତ୍ର ଗ୍ରହଣ କରିଥିଲେ।

ଉପଖଣ୍ଡର ଅଣଜଳସେଚିତ ଜମିରେ ଚାଷ କାର୍ଯ୍ୟ ବିଶେଷ ଭାବେ ପ୍ରଭାବିତ ହୋଇଛି। କରୋନା ମହାମାରୀ ସମୟରେ ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ଏଥିରେ ଅଧିକ ପ୍ରଭାବିତ ହୋଇଛନ୍ତି। ତେଣୁ ବିକଳ୍ପ ଚାଷ ପାଇଁ ମାଗଣା ବିହନ, ସାର, କୀଟନାଶକ, ମଧ୍ୟବର୍ତ୍ତିକାଳୀନ ଆର୍ଥିକ ପ୍ରୋତ୍ସାହନ, କ୍ଷତିପୂରଣ ଯୋଗାଇ ଦେବା ସହ କାମାକ୍ଷାନଗର ଉପଖଣ୍ଡକୁ ତୁରନ୍ତ ମରୁଡ଼ି ଘୋଷଣା କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା କଂଗ୍ରେସ କମିଟି ଉପସଭାପତି ପ୍ରଭୁଦତ୍ତ ଭଞ୍ଜ, ବରିଷ୍ଠ ନେତା ଦୁଃଶାସନ ସାହୁ, ଅଭୟ ମହାପାତ୍ର, ସୁଧାଂଶୁ ବରାଳ, ସଞ୍ଜୀବ ବେହେରା, ଶାନ୍ତନୁ ଶତପଥୀ, ସନ୍ତୋଷ ମହାରଣା, ଶରତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଜଗନ୍ନାଥ ଚିକିତ୍ସାଳୟ ସିଲ୍

**ଢେଙ୍କାନାଳ ଅଫିସ, ୭।୯**

କ୍ଲିନିକାଲ ଏଷ୍ଟାବ୍ଲିଶମେଣ୍ଟ ନିୟମ ଉଲ୍ଲଂଘନ ଅଭିଯୋଗରେ ଢେଙ୍କାନାଳ ଗୋପବନ୍ଧୁ ବଜାରସ୍ଥିତ ଜଗନ୍ନାଥ ଘରୋଇ ଚିକିତ୍ସାଳୟକୁ ମଙ୍ଗଳବାର ଅପରାହ୍ନରେ ସିଲ୍ କରାଯାଇଛି। ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିର୍ଦ୍ଦେଶକ୍ରମେ ଜିଲା ପ୍ରଶାସନ ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ଜିଲା ମୁଖ୍ୟ ଚିକିତ୍ସାଳୟର ମେଡିକାଲ ସୁପରିଟେଣ୍ଡେଣ୍ଟ ଡା. ଜୟକୃଷ୍ଣ ନାୟକ ଏ ସଂକ୍ରାନ୍ତରେ ସୂଚନା ଦେଇ କହିଛନ୍ତି, ୨୦୧୫ରେ ଜଗନ୍ନାଥ ଘରୋଇ ଚିକିତ୍ସାଳୟରେ ୟୁଟ୍ରେସ୍ ଅପରେଶନ ପାଇଁ ଜଣେ ମହିଳା ଭର୍ତ୍ତି ହୋଇଥିଲେ।

- କ୍ଲିନିକାଲ୍ ଏଷ୍ଟାବ୍ଲିଶମେଣ୍ଟ ନିୟମ ଉଲ୍ଲଂଘନ
- ମହିଳା ଆଣିଥିଲେ କିଡ୍‌ନୀ ଚୋରି ଅଭିଯୋଗ

ଏହି ସମୟରେ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ଜାଣତରେ ତାଙ୍କର କିଡ୍‌ନୀ ଚୋରି ହୋଇଥିବା ନେଇ ସେ ଅଭିଯୋଗ ଆଣିବା ସହିତ ଏନ୍‌ଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ସଂକ୍ରାନ୍ତରେ କମିଶନଙ୍କ ନିକଟରେ ନଂ. ୧୧୨୩, ୧୮।୪।୨୦୨୦ରେ ଏକ ମାମଲା ରୁଜୁ କରାଯିବା ସହ ଅଭିଯୋଗର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ଗତ ଅଗଷ୍ଟ ୪ରେ ଜିଲା ପ୍ରଶାସନ ପକ୍ଷରୁ ଟାସ୍କଫୋର୍ସ ଟିମ୍ ଯାଇ ଡାକ୍ତରଖାନାର ରେକର୍ଡପତ୍ର ଯାଞ୍ଚ କରିଥିଲେ। ଏହି ସମୟରେ କ୍ଲିନିକାଲ ଏଷ୍ଟାବ୍ଲିଶମେଣ୍ଟ ସମ୍ପର୍କରେ କୌଣସି ଠିକ୍ କାଗଜପତ୍ର ନ ଥିବା ଜଣାପଡ଼ିଥିଲା। ଆବଶ୍ୟକ ନଥିପତ୍ର କାର୍ଯ୍ୟ ୨ ଦିନ ମଧ୍ୟରେ ଠିକ୍ କରି ଜଣାଇବାକୁ କୁହାଯାଇଥିଲା। କିନ୍ତୁ ନିର୍ଦ୍ଧାରିତ ସମୟ ପୂରିବା ପରେ ବି ଚିକିତ୍ସାଳୟ କର୍ତ୍ତୃପକ୍ଷ କାଗଜପତ୍ର ଠିକ୍ କରି ନ ଥିଲେ। ଫଳରେ ପ୍ରଶାସନ ପକ୍ଷରୁ ଚିକିତ୍ସାଳୟକୁ ସିଲ୍ କରାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶରେ ଗଠିତ ଟାସ୍କଫୋର୍ସ ଟିମ୍‌ରେ ଡା. ଜୟକୃଷ୍ଣ ନାୟକ, ଡେପୁଟି କଲେକ୍ଟର ସ୍ମୃତିରଞ୍ଜନ ମହାପାତ୍ର, ଗୋଇନ୍ଦା ବିଭାଗ ଡିଏସ୍‌ପି ଅରୁଣ ସାହୁ, ସଦର ତହସିଲଦାର ସୁରେଶ ଚନ୍ଦ୍ର ପଣ୍ଡାଙ୍କ ସମେତ ପୋଲିସ ଫୋର୍ସ ଉପସ୍ଥିତ ଥିଲେ।


ଜଗନ୍ନାଥ ଘରୋଇ ଚିକିତ୍ସାଳୟକୁ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ସିଲ୍ କରାଯାଉଛି।

# ସତର୍କତା ରୋକିବ ସଂକ୍ରାମକ ଜ୍ୱର

**ଢେଙ୍କାନାଳ ଅଫିସ, ୭।୯**

ମ୍ୟାଲେରିଆ, ଡେଙ୍ଗୁ ଜ୍ୱର ନିୟନ୍ତ୍ରଣ ଲାଗି ଢେଙ୍କାନାଳ ଜିଲାସ୍ତରୀୟ ଟାସ୍କଫୋର୍ସ ଆନ୍ତଃ ସମନ୍ୱୟ କମିଟି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଆୟୋଜିତ ଏହି ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ସରୋଜ କୁମାର ସେଠୀ କହିଲେ, ବ୍ୟାପକ ସତର୍କତା ଓ ସଚେତନତା ଦ୍ୱାରା ଏଭଳି ସଂକ୍ରାମକ ଜ୍ୱରକୁ ନିୟନ୍ତ୍ରଣ କରାଯାଇପାରିବ। ବିଦ୍ୟାଳୟସ୍ତରରେ ଛାତ୍ରୀଛାତ୍ରଙ୍କୁ ଏ ବିଷୟରେ ଅବଗତ କରାଇବା, ମଶା ଲାର୍ଭା ନଷ୍ଟ ବିଷୟରେ ସଚେତନ କରାଇବା ଲାଗି ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳ ଜିଲା ଶିକ୍ଷାଧିକାରୀ ଏବଂ ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ପ୍ରତିଷ୍ଠିତ ଶିଳ୍ପସଂସ୍ଥାଗୁଡ଼ିକ କମ୍ପାନୀ ପାର୍ଶ୍ୱବର୍ତ୍ତୀ ଗ୍ରାମ, ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସଚେତନଧର୍ମୀ ହୋର୍ଡିଂ ଓ ବ୍ୟାନର ଲଗାଇବା, ପତ୍ରିକା ମାଧ୍ୟମରେ କର୍ମଚାରୀଙ୍କୁ ସଚେତନ କରାଇବା, କୀଟନାଶକ ଔଷଧ ସିଞ୍ଚନ କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ସହରାଞ୍ଚଳର ଡ୍ରେନ୍‌ରେ ମଶାତେଲ ଠିକ୍ ଭାବେ ପକାଇବା ଲାଗି ନିର୍ବାହୀ ଅଧିକାରୀଙ୍କୁ କୁହାଯାଇଛି। କୌଣସି ସ୍ଥାନରେ ୭ଦିନ ପାଣି ଜମିବାକୁ ନ ଦେବା ଏବଂ କାର୍ଯ୍ୟାଳୟ ସଫାସୁତରା ରଖିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।


ବୈଠକରେ ଜିଲାପାଳଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନିକ ଅଧିକାରୀମାନେ।

ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର କହିଲେ, ଜିଲାରେ ୨୦୧୩ରୁ ଅଦ୍ୟାବଧି ଡେଙ୍ଗୁ ମୃତ୍ୟୁ ଶୂନ୍ୟ ରହିଛି। ୨୦୧୫ରୁ ମ୍ୟାଲେରିଆରେ କେହି ପ୍ରାଣ ହରାଇନାହାନ୍ତି। ମ୍ୟାଲେରିଆ, ଡେଙ୍ଗୁ ଓ ଜାପାନିଜ୍ ଏନ୍‌ସେଫାଲାଇଟ୍ସ ଆକ୍ରାନ୍ତ ରୋଗୀଙ୍କ ପଞ୍ଜୀକରଣ ବାଧ୍ୟତାମୂଳକ। ଘରୋଇ ଡାକ୍ତରଖାନାକୁ ଏଥିଲାଗି ନିର୍ଦ୍ଦେଶ ଦିଆଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟର ଦ୍ୱିତୀୟ ମହଲାର ପ୍ରକୋଷ୍ଠ ନମ୍ବର ୯୩ରେ ଡେଙ୍ଗୁ ପରୀକ୍ଷା କରାଯାଉଛି ବୋଲି ସେ ସୂଚନା ଦେଇଥିଲେ।

ଜିଲା ଭେକ୍ଟରବାହିତ ରୋଗ ପରାମର୍ଶଦାତା ତପନ କୁମାର ସାହୁ କହିଲେ, ୨୦୧୩ରେ ୪୧୬, ୨୦୧୪ରେ ୨୭୪, ୨୦୧୫ରେ ୪୪, ୨୦୧୬ରେ ୧୧୭, ୨୦୧୭ରେ ୫୧, ୨୦୧୮ରେ ୬୧, ୨୦୧୯ରେ ୯୬, ୨୦୨୦ରେ ୫, ୨୦୨୧ରେ ବର୍ତ୍ତମାନ ସୁଦ୍ଧା ଜିଲାରେ ୨୪ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ରୋଗୀଙ୍କ ମଧ୍ୟରୁ ଅଧିକାଂଶ ଭୁବନେଶ୍ୱର ଓ ପୁରୀରୁ ଆସିଛନ୍ତି। ଜିଲା ଚିକିତ୍ସାଳୟରେ ୯୩ଜଣଙ୍କ ରକ୍ତ ପରୀକ୍ଷା ପରେ ୧୬ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିଲେ। ସେହିପରି ୨୦୨୧ ଜୁଲାଇ ମଧ୍ୟରେ ୯୮ ହଜାର ୧୫୨ଜଣଙ୍କ ରକ୍ତ ପରୀକ୍ଷା କରାଯାଇଥିବା ବେଳେ ୨୩ଜଣ ମ୍ୟାଲେରିଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସମସ୍ତ ରୋଗୀ ସୁସ୍ଥ ଥିବା ସେ କହିଥିଲେ।

- ଆନ୍ତଃ ସମନ୍ୱୟ କମିଟି ବୈଠକ
- ୨୦୧୩ରୁ ଡେଙ୍ଗୁ, ୨୦୧୫ରୁ ମ୍ୟାଲେରିଆ ମୃତ୍ୟୁ ଶୂନ୍ୟ
- ଚଳିତବର୍ଷ ଚିହ୍ନଟ ହେଲେଣି ୨୪ ଡେଙ୍ଗୁ ରୋଗୀ
- ସଚେତନତା କାର୍ଯ୍ୟକ୍ରମ ଜାରି ରଖିବାକୁ ଶିଳ୍ପସଂସ୍ଥାକୁ ନିର୍ଦ୍ଦେଶ

ବୈଠକରେ ଅତିରିକ୍ତ ଜିଲାପାଳ ଶଶାଙ୍କ ଶେଖର ଦାଶ, କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, ହିନ୍ଦୋଳ ଉପଜିଲାପାଳ ଉଦୟ କୁମାର ମହାପାତ୍ର, ଜିଲା ଚିକିତ୍ସାଳୟ ଅଧୀକ୍ଷକ ଡା. ଜୟକୃଷ୍ଣ ନାୟକ, ସହକାରୀ ଜିଲା ଭେକ୍ଟରବାହିତ ରୋଗ ନିରାକରଣ ଅଧିକାରୀ ହିମାଂଶୁ ଶେଖର ହେମ୍ବ୍ରମ୍ ପ୍ରମୁଖ ଉପସ୍ଥିତ ଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀ ଧନ୍ୟବାଦ ଦେଇଥିଲେ।

